## କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୭ ମସିହା ସେପ୍ଟେମ୍ବର ମାସ ଦ୍ୱିତୀୟ ପକ୍ଷ ନିମନ୍ତେ କାର୍ଯ୍ୟସୂଚୀ :

- ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଏକ ତୃତୀୟାଂଶ ଯବକ୍ଷାରଜାନ ସାର (୧୪ କି.ଗ୍ରା. ୟୁରିଆ/ଏକର) ଦ୍ୱିତୀୟ କିସ୍ତିସାର ହିସାବରେ ପ୍ରୟୋଗ କରନ୍ତୁ ।

- ଏକ ତୃତୀୟାଂଶ ଯବକ୍ଷାରଜାନ ସାର(ଅଧିକ ଅମଳକ୍ଷମ ଧାନ କିସମ ପାଇଁ ଏକର ପ୍ରତି ୨୪ କି.ଗ୍ରା ୟୁରିଆ ଏବଂ ଶଙ୍କର ଧାନ ପାଇଁ ୨୮ କି.ଗ୍ରା. ୟୁରିଆ ସାର) ଧାନରୁଆର ୨୦-୨୫ ଦିନ ପରେ (ଘାସ ବାଛିସାରିବା ପରେ) ପିଲସାର ଭାବେ ପ୍ରୟୋଗ କରନ୍ତୁ କିନ୍ତୁ ଡେରିରେ ରୁଆଯାଇଥିବା ଧାନରେ ଶତକଡା ୨୦ ଭାଗ ଅଧିକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

- ସଅଳ/ଠିକ୍ ସମୟରେ ରୁଆଯାଇଥିବା ଧାନରେ ୪୦-୪୫ ଦିନ ପରେ (ଅଧିକ ଅମଳକ୍ଷମ ଧାନ କିସମପାଇଁ ଏକର ପ୍ରତି ୨୪ କି.ଗ୍ରା. ୟୁରିଆ ଏବଂ ଶଙ୍କର ଧାନ ପାଇଁ ୨୮ କି.ଗ୍ରା. ୟୁରିଆ ସାର) ଥୋଡ ସାର ହିସାବରେ ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆଧାନରେ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତାପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ଥିଆମେଥୋକ୍ସାମ୍ ୨୫ WG @ ୪୦ ଗ୍ରାମ୍ କିମ୍ବା କ୍ଲୋରୋପାଇରିଫସ୍ ୨୦EC @ ୬୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ ପୋକ ଚିହ୍ନଟ ହୁଏ ତେବେ ଏକର ପିଛା ରାଇନାକ୍ସିପାର ୦.୪G ୪ କି.ଗ୍ରା କିମ୍ବା କାର୍ବୋଫୁରାନ୍ ୩G ୧୩ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ଏହି ସମୟରେ ଲେଡାପୋକ, ବିରହା ପୋକ, ନଳୀପୋକ ଲାଗିବାର ସମ୍ଭାବନା ଥାଏ ତେବେ ପ୍ରତି ଲିଟର ପାଣିରେ କ୍ଲୋରୋପାଇରିଫସ୍ ୨୦EC ୩ ମି.ଲି. କିମ୍ବା ଟ୍ରାଇଜୋଫସ୍ ୪୦ EC ୨.୫ ମି.ଲି. ମିଶାଇ ସିଞ୍ଚନ କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ସିଞ୍ଚନ ପାଇଁ ବ୍ୟବହାର କରନ୍ତୁ ।

- ବଙ୍ଗୀପୋକକୁ ଦମନ କରିବା ନିମନ୍ତେ ଏକର ପ୍ରତି କାର୍ବୋସଲଫାନ୍ ୨୫% EC ୪୦୦ ମି.ଲି. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ G ୧୦ କି.ଗ୍ରା. କିମ୍ବା କାର୍ବୋଫୁରାନ୍ ୩ G ୧୩ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ପତ୍ରପୋଡା, ପତ୍ରପୋଡା ଗାର (Leaf streak) ରୋଗ ଧାନରେ ଦେଖାଦେଲେ ପ୍ଲାଣ୍ଟୋମାଇସିନ୍ ୧ ଗ୍ରା./ଲିଟର କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

- ମହିଷା ରୋଗ ଦେଖାଦେଲେ କାର୍ବେନ୍ଡାଜିମ୍ ୫୦WP @ ୨ ଗ୍ରାମ୍/ଲିଟର କିମ୍ବା ଟ୍ରାଇସାଇକ୍ଲୋଜୋଲ ୭୫ WP @ ୦.୬ ଗ୍ରାମ୍/ଲିଟର ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ବେଲ ପତ୍ରରସ (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀ (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ(୨୦୦ ଗ୍ରାମ୍ ପତ୍ର) ରସ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଉଚ୍ଚ ଜମିରେ ପ୍ରତି ବର୍ଗମିଟର ପିଛା ୨-୩ଟି ଗନ୍ଧିପୋକ ଦେଖାଦେଲେ ସକାଳେ କିମ୍ବା ସନ୍ଧ୍ୟାରେ ମିଥାଇଲ୍ ପାରାଥିଅନ୍ ଗୁଣ୍ଡ ଏକର ପ୍ରତି ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ଫସଲ ସୁରକ୍ଷା ପାଇଁ ଯେକୌଣସି ଔଷଧ ସିଞ୍ଚନ କଲାବେଳେ ପାଗ ପରିଷ୍କାର ଥିବା ଦରକାର । ବର୍ଷା ହେଉଥିବା ବେଳେ ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

*****